# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 499 CUTTACK, WEDNESDAY, MARCH 16, 2016/FALGUNA 26, 1937**


## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ତାରିଖ 25 ଫେବୃଆରୀ 2016

ସଂଖ୍ୟା 6495—RDM-LAC-DKNL-0008/2015-R&DM.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ରେଙ୍ଗାଳି (ଦକ୍ଷିଣ କେନାଲ) ଜଳସେଚନ ଅନ୍ତର୍ଗତ ଦର୍ପଣୀ ଶାଖା କେନାଲ ନିର୍ମାଣ ନିମନ୍ତେ ମୌଜା ମଧୁସାହୁପାଟଣା, ଥାନା ଢେଙ୍କାନାଳ ସଦର, ତହସିଲ ଢେଙ୍କାନାଳ ସଦର, ଜିଲ୍ଲା ଢେଙ୍କାନାଳରେ ନିମ୍ନ ତଫସିଲମତେ ପ୍ରାୟ 2.450 ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, 2013ର ଧାରା 11(1) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସଂପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

1. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ—ଜଳ ସେଚନ ପ୍ରକଳ୍ପ ।

2. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ରେଙ୍ଗାଳି ଦକ୍ଷିଣ ପାର୍ଶ୍ୱ କେନାଲ ଡିଭିଜନ୍ ନଂ. ୩, ଖୁଂଟୁଣୀ, ଢେଙ୍କାନାଳ ।

3. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।

4. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

5. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ଢେଙ୍କାନାଳ ।

6. ଜମିର ବିବରଣୀ -

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| ଢେଙ୍କାନାଳ | ଢେଙ୍କାନାଳ ସଦର | ମଧୁସାହୁପାଟଣା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରେଙ୍ଗାଳି ଦକ୍ଷିଣ କେନାଲ ସିଷ୍ଟମ ଓ ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ମଣ୍ଡଳ ନଂ. III, ରେଙ୍ଗାଳି କେନାଲ ପ୍ରଣାଳୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଢେଙ୍କାନାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର 60 ଦିନ ମଧ୍ୟରେ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

LAND SCHEDULE

| Sl. No. | Khata No. | Plot No. | Total area . (in Ac.) | Area to be acquired (in Ac.) | Name of the Land Owner |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1 | 6 | 796 | 0.290 | 0.020 | ଅପର୍ତ୍ତି ସାହୁ, ପି. ଭାବ ସାହୁ |
| 2 | 21 | 797 | 0.150 | 0.110 | ଉଚ୍ଛବ ସାହୁ, ପି. ଗୋପି |
| 3 | 55 | 799 | 0.120 | 0.070 | ଗୌରାଙ୍ଗ ଚରଣ ମହାପାତ୍ର, ପି. ସତ୍ୟବାଦି |
| 4 | 71 | 733 | 1.270 | 0.570 | ତରା ବେହେରା, ସ୍ୱା. ବଟ ବେହେରା |
| 5 | 161 | 804/848 | 0.060 | 0.060 | ଶଙ୍କର ସାହୁ, ପି. ଗୋପି |
| 6 | 162 | 802 | 0.110 | 0.110 | ସନାତନ ସାହୁ, ପି. ଭାବ ସାହୁ |
| | | 803 | 1.100 | 0.960 | ସନାତନ ସାହୁ, ପି. ଭାବ ସାହୁ |
| | | 804 | 0.120 | 0.120 | ସନାତନ ସାହୁ, ପି. ଭାବ ସାହୁ |
| | | 805 | 0.080 | 0.080 | ସନାତନ ସାହୁ, ପି. ଭାବ ସାହୁ |
| | | 806 | 0.140 | 0.140 | ସନାତନ ସାହୁ, ପି. ଭାବ ସାହୁ |
| | | 807 | 0.190 | 0.120 | ସନାତନ ସାହୁ, ପି. ଭାବ ସାହୁ |
| 7 | 181/53 | 798 | 0.090 | 0.090 | ଗୌରାଙ୍ଗ ଚରଣ ମହାପାତ୍ର, ପି. ସତ୍ୟବାଦି |
| | | | Total . . | **2.450** | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ
**ସନାତନ ମଲିକ**
ଅତିରିକ୍ତ ଶାସନ ସଚିବ

Printed and Published by the Director of Printing, Stationery and Publication, Odisha, Cuttack-10
Ex. Gaz 1800–173+20